# Akashvani, Sambalpur

## SAMBALPURI NEWS EVENING BULLETIN

**16 May 2025- 7.02 pm- 7.12 pm.**

*******************************************

୧- ସମ୍ବଲ୍‌ପୁର୍ ଚିପିଲିମା ଠାନେ ଶହେ କୋଟି ଟଙ୍କା ଖର୍ଚ୍ଚାଥି କରାଯିବା ମାଛ୍‌ଚାଷ ପ୍ରକଳ୍ପ - କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।
- କୁଚିଣ୍ଡା ଇଲାକାର୍ ବିକାଶ୍ ଲାଗି ଶହେ କୋଟିନୁ ଅଏତ୍‌କା ଟଙ୍କାର୍ ପ୍ରକଳ୍ପର୍ କଲେ ଶିଲାନ୍ୟାସ୍ ଆର୍ ଉଦ୍‌ଘାଟନ୍ ।

୨- ଅପରେସନ୍ ସିନ୍ଦୁର୍ ହେଉଛେ ଭାରତୀୟ ସେନାର୍ ସାହସ୍ ଆର୍ ନାରୀ ସମ୍ମାନ୍‌ର ପ୍ରତୀକ- କହେଲେ ମୁଖ୍ୟମନ୍ତ୍ରୀ ।

୩- ରାଏଜେ ଶିଳ୍ପ ତାଲିମ୍ ଲାଗି ବିଶ୍ୱସ୍ତରୀୟ ଦକ୍ଷତା ବିକାଶ୍ କେନ୍ଦ୍ର ଥାପ୍‌ନା କର୍‌ବାର୍‌କେ ଓ.ଏମ୍.ସି. ପ୍ରତିଷ୍ଠା ଦିବସ୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ପ୍ରସ୍ତାବ୍ ।

ଆଉର୍

୪- ଡେଙ୍ଗୁ ରୋଗ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ କରାଯାଉଛେ ଜାତୀୟ ଡେଙ୍ଗୁ ଦିବସ୍ ।

କେନ୍ଦ୍ରମନ୍ତ୍ରୀ-ସମ୍ବଲପୁର ସମ୍ବଲପୁର ସମ୍ବାଦଦାତା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଆଏଜ୍ ନିଜର୍ ନିର୍ବାଚନ୍ ମଣ୍ଡଲୀର୍ ଭିନ୍ ଭିନ୍ ଇଲାକା ଗସ୍ତ କରିକରି କାର୍ଯ୍ୟକ୍ରମ୍ ମାନ୍‌କେ ଯୋଗ୍ ଦେଇଛନ୍ । ସଖାଲ୍‌ବେଲା ସମ୍ବଲ୍‌ପୁର୍ ପାଖର୍ ଚିପିଲିମା ଓୟୁଏଟି କୃଷି ମହାବିଦ୍ୟାଳୟ ଠାନେ ନୂଆଁ ସଭାଗୃହ ଉଦ୍‌ଘାଟନ୍ କରିକରି ଇ ଶିକ୍ଷାନୁଷ୍ଠାନ୍ ୬୦ ବଛର୍ ନୁ ଅଏତ୍‌କା ହେଲା ମେଧାବୀ ଛାତ୍ରଛାତ୍ରୀ ତିଆର୍ କରିକରି ରାଜ୍ୟକେ ଗର୍ବିତ୍ କରିଛେ ବଲି କହିଛନ୍ । ଚିପିଲିମା କେମ୍ପସ୍‌ର ଭିତିଭୂମିକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ୮୦ କୋଟି ଟଙ୍କା ବ୍ୟବସ୍ଥା କରିଛନ୍ ବଲି ଶ୍ରୀ ପ୍ରଧାନ୍ କହିଛନ୍ । ସେନ୍ତା କେନ୍ଦ୍ର ସର୍‌କାର୍ ଚିପିଲିମା ଠାନେ ଶହେ କୋଟି ଟଙ୍କା ଖର୍ଚ୍ଚା କରିକରି ଅତ୍ୟାଧୁନିକ୍ ମତ୍ସ୍ୟ ପ୍ରକ୍ରିୟାକରଣ୍ ପ୍ରଶିକ୍ଷଣ କେନ୍ଦ୍ର ଥାପ୍‌ନା କର୍‌ବେ ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଶ୍ରୀ ପ୍ରଧାନ୍ ଆହୁରି କହିଛନ୍, ଆଏବା ଦିନେ ସମ୍ବଲ୍‌ପୁର୍ କୃଷି ମହାବିଦ୍ୟାଳୟ ନ ଚାଷ୍‌ବାସ୍‌ଥି ପ୍ରଯୁକ୍ତି ବିଦ୍ୟାର୍ ବେଭାର୍ ନେଇକରି ନୂଆଁ ପାଠ୍ୟକ୍ରମ୍ ବ୍ୟବସ୍ଥା କର୍‌ବାର୍, ଚାଷୀମାନ୍‌କୁ ତାଲିମ୍, ଧାନ୍ ସହେତେ ଅଲ୍‌ଗା ଚାଷ୍ ଥି ଉତ୍ପାଦନ୍ ବଢ଼ାବାର୍, ଫସଲ୍ ନୁକ୍‌ସାନ୍ ରୁକ୍‌ବାର୍ ବାଗିର୍ ଦିଗ୍‌କେ ପ୍ରାଧାନ୍ୟ ଦିଆଯିବା । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍

ବର୍ଦ୍ଧନ୍ ସିଂହଦେଓ, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେଇଥିଲେ ।

ଇତାର୍‌ଉତ୍‌ରୁ ଶ୍ରୀ ପ୍ରଧାନ୍ କୁଲୁଣ୍ଡି ଶାରୀରିକ୍ ଶିକ୍ଷା ସର୍‌କାରୀ ମହାବିଦ୍ୟାଳୟ ପରିଦର୍ଶନ୍ କରିକରି କର୍ତୃପକ୍ଷ ଆଉ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ ।

ସେନ୍ତା କୁଚିଣ୍ଡା ଠାନେ ଅସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟ ଲୋକାର୍ପଣ ଆଉ ସ୍ଥାୟୀ କେମ୍ପସ୍‌ର ଭୂମିପୂଜନ୍ କରିଛନ୍ । ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଇଲାକା ନ ପାଖାପାଖି ୩୪ କୋଟି ଟଙ୍କାର୍ ୨୩ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ୭୨ କୋଟି ଟଙ୍କାର୍ ୪୮ ଟା ପ୍ରକଳ୍ପର୍ ଭୂମିପୂଜନ୍ କରିଛନ୍ ।

ସିନ୍ଦୁର୍ ଯାତ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ଅପରେସନ୍ ସିନ୍ଦୁର୍ ହେଉଛେ ଭାରତୀୟ ସେନାର୍ ସାହାସ୍ ଆର୍ ନାରୀ ସମ୍ମାନ୍‌ର ପ୍ରତୀକ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଅପରେସନ୍ ସିନ୍ଦୁର୍ ଆଉ ଭାରତୀୟ ସେନାର୍ ପରାକ୍ରମ୍‌କେ ସମ୍ମାନ୍ ଜନେଇକରି ମିଶନ୍ ଶକ୍ତି ବିଭାଗ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ହେଇଥିବା ସିନ୍ଦୁର୍ ଯାତ୍ରାଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଇଟା କହିଛନ୍ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

ପରିଡ଼ା ଯୋଗ୍ ଦେଇକରି ସେନାର୍ ଯବାନ୍ ମାନ୍କର୍ ବୀରତ୍ୱର୍ ପ୍ରଶଂସା କରିଛନ୍ । ସିନ୍ଦୁର୍ ଯାତ୍ରା ଆଏଜ୍ ଉପର୍ବେଲା ସାଢ଼େ ୫ ବଜେ ଭୁବ୍ନେଶ୍ୱର୍ ମାଷ୍ଟର୍ କେଂଟିନ୍ ଛକ୍ନୁ ବାହାରିକରି ରମାଦେବୀ ବିଶ୍ୱବିଦ୍ୟାଲୟତକ୍ ଯାଇଥିଲା ।

ବିକଶିତ୍ ଓଡ଼ିଶା ପରାମର୍ଶ କର୍ମଶାଳା ସମ୍ବଲପୁର ସମ୍ବାଦଦାତା

ଉତରାଂଚଳ ରାଜସ୍ୱ ଡିଭିଜନ୍ର ଜିଲ୍ଲାମାନ୍କୁ ନେଇକରି ଆଏଜ୍ ସମ୍ବଲ୍ପୁର୍ ଠାନେ ଓଡ଼ିଶା ଭିଜନ୍-୨୦୩୬ ଆର୍ ବିକଶିତ୍ ଭାରତ୍-୨୦୪୭ ଲାଗି ବିକଶିତ୍ ଓଡ଼ିଶା ପରାମର୍ଶ କର୍ମଶାଳା ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ବିଧାନ୍ସଭା ଉପବାଚସ୍ପତି ଭବାନୀ ଶଙ୍କର୍ ଭୋଇ, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ବଲାଙ୍ଗିର୍ ସାଂସଦ୍ ସଂଗୀତା ସିଂହଦେଓ, ଉତରାଂଚଲ୍ ରାଜସ୍ୱ କମିଶନର୍ ସଚିନ୍ ରାମଚନ୍ଦ୍ର ଯାଦବ୍ ଆର୍ ୯ ଟା ଜିଲ୍ଲାର୍ ଜିଲ୍ଲାପାଲ୍ ଉପସ୍ଥିତ୍ ଥିଲେ । ସର୍କାରୀ ଅଧିକାରୀମାନ୍କର୍ ସହେତେ ଜନସାଧାରଣ, କର୍ପୋରେଟ୍ ହାଉସ୍ ପ୍ରତିନିଧିମାନେ ଭିଲ୍

ସାମିଲ୍ ହେଇକରି ବିକଶିତ ଓଡ଼ିଶାକେ ନେଇକରି ନିଜର୍ ମତାମତ ଦେଇଥିଲେ ।

ତ୍ରିରଙ୍ଗା ଶୋଭାଯାତ୍ରା ସମ୍ବଲପୁର ସମ୍ବାଦଦାତା

ଅପରେସନ୍ ସିନ୍ଦୁର୍‌ର ସଫଲ୍‌ତା ଆଉ ଭାରତୀୟ ସେବା ବାହିନୀର୍ ପରାକ୍ରମ୍‌କେ ସମ୍ମାନ୍ ଜନାବାର୍ ଲାଗି ଆଏଜ୍ ସମ୍ବଲପୁର୍‌ଠାନେ ତ୍ରିରଙ୍ଗା ଶୋଭାଯାତ୍ରାର୍ ଆୟୋଜନ୍ କରାଯାଇଥିଲା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗ୍ ଦେଇକରି ଅପରେସନ୍ ସିନ୍ଦୂର୍ ଉତ୍‌ରୁ ଭାରତୀୟ ସୈନିକ୍‌ମାନକର ପରାକାଷ୍ଠା ସାରା ପୁର୍‌ଥି ଦେଖିଛେ ଆଉ ଭାରତର୍ ନୂଆ ପରିଚୟ ବନିଛେ ବଲି କହିଛନ୍ । ଶେଭାଯାତ୍ରାଥି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ ନାଏକକଙ୍କ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି, ସାମାଜିକ୍, ସାଂସ୍କୃତିକ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଉ ଜନସାଧାରଣ ଯୋଗ୍ ଦେଇଥିଲେ । ଶୋଭାଯାତ୍ରା ସହରର୍ ଜେଲ୍ ଛକ୍‌ନୁ ବାହାରିକରି ନେଲ୍‌ସନ୍ ମଣ୍ଡେଲା ଛକ୍ ତକ୍ ଯାଇଥିଲା ।

ମୁଖ୍ୟମନ୍ତ୍ରୀ- ଜନ ଅଭିଯୋଗ୍ ଶୁଣାଣି ଶିବିର୍/ଆର୍‌ଏନ୍‌ୟୁ ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଶିବିର୍ ଆଏବା ସୋମ୍‌ବାର୍ ୧୯ ତାରିଖ୍ ନୂଆଁ ଜାଗା ଭୁବ୍‌ନେଶ୍ୱର୍ ୟୁନିଟ୍-୨ ଅଶୋକ ନଗର୍ ଠାନେ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଲୟ ନ ହେବା । ଇଥିର୍‌ଲାଗି ଆଏଜ୍ ଦିନର୍ ୧୧ ବଜେନୁ ପଞ୍ଜିକରଣ୍ ମୁଲ୍ ହେଇଛେ । ଆଗ୍ରହୀ ଲୁକେ ଜନଶୁଣାଣି ପୋର୍ଟାଲ୍ janasunani.odisha.gov.in ଆଉ ଜନଶୁଣାଣି ମୋବାଇଲ୍ ଆପ୍ଲିକେସନ୍ ଜରିଏ ପଞ୍ଜିକରଣ୍ କରିପାର୍‌ବେ ।

ତୁର୍କି ବିଶ୍ୱବିଦ୍ୟାଲୟ ବୁଝାମଣାପତ୍ର ବାତିଲ୍ ଏନ୍‌ଏସ୍‌ଡି

ଦେଶର୍ ଭିନ୍ ଭିନ୍ ବିଶ୍ୱବିଦ୍ୟାଲୟ -ତୁର୍କିର୍ ବିଶ୍ୱବିଦ୍ୟାଲୟମାନ୍‌କର୍ ସାଙ୍ଗେ ହେଇଥିବା ସବୁ ବୁଝାମଣାପତ୍ର ବାତିଲ୍ କରିଦେଇଛନ୍ । ଦିଲ୍ଲୀର୍ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଲୟ ତୁର୍କୀ ସର୍‌କାର୍‌ଙ୍କର୍ ସବୁ ଶିକ୍ଷାନୁଷ୍ଠାନ୍ ମାନ୍‌କର୍ ସାଙ୍ଗେ ହେଇଥିବା ସବୁ

ବୁଝାମଣା ପତ୍ରକେ ତୁରତି ବାତିଲ୍ ଘୋଷ୍ନା କରିଛେ । ହାଇଦ୍ରାବାଦ୍ ମୌଲାନା ଆଜାଦ୍ ରାଷ୍ଟ୍ରୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟ ଭିଲ୍ ତୁର୍କୀର୍ ୟୁନୁସ୍ ଏମେର୍ ପ୍ରତିଷ୍ଠାନ୍ ସାଙ୍ଗେ ବୁଝାମଣା ପତ୍ର ବାତିଲ୍ କରିଛେ । ଇତାର୍ ଆଘୋନୁ ଜବାହାର୍‌ଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ ଭିଲ୍ ବୁଝାମଣାପତ୍ର ସବୁ ବାତିଲ୍ କରିଛେ । ଜାତୀୟ ସୁରକ୍ଷାକେ ନଜର୍‌ଥି ରଖିକରି ଇ ନିଷ୍ପତି ନିଆଯାଇଥିବାର୍ ଜନାପଡ଼ିଛେ । ଅପରେସନ୍ ସିନ୍ଦୁର୍ ବେଲ୍‌କେ ପାକିସ୍ତାନ୍‌କେ ତୁର୍କି ସମର୍ଥନ୍ କରିଥିବା କଥା ଜନାପଡ଼୍‌ବାର୍ ଉତ୍‌ରୁ ଭାରତ୍ -ତୁର୍କିର୍ ସବୁ ଦରବ୍ ଆର୍ ପର୍ଯ୍ୟଟନ୍‌କେ ଭିଲ୍ ବୟକଟ୍ କରିଛେ ।

## ପାକିସ୍ତାନ୍ ଆତଙ୍କ୍‌ବାଦ୍ ସମର୍ଥନ୍ ଏନ୍‌ଏସ୍‌ଡି

ପେହେଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ୍ ଘଟ୍‌ନା ଉତ୍‌ରୁ ପାକିସ୍ତାନ୍ ସମର୍ଥିତ୍ ଆତଙ୍କବାଦ୍‌କେ ନେଇକରି ଭାରତ୍ ବିଶ୍ୱ ସମୁଦାୟ ଆଗାଡ଼େ ତଥ୍ୟ ଉପସ୍ଥାପନ୍ କର୍‌ବେ । ଇଥିର୍‌ଲାଗି ଭାରତ୍‌ର ସର୍ବଦଳୀୟ ପ୍ରତିନିଧି ଦଲ୍ ଭିନ୍ ଭିନ୍ ଦେଶ୍ ଯାଇକରି ପାକିସ୍ତାନ୍‌ର ଆତଙ୍କବାଦ୍ ସମର୍ଥନ୍‌କେ ନେଇକରି ଭାରତ୍‌ର ଆଭିମୁଖ୍ୟ ବାବ୍‌ଦେ ଜନାବେ ।

ମୁଖ୍ୟମନ୍ତ୍ରୀ- ଓଏମ୍‌ସି ପ୍ରତିଷ୍ଠା ଦିବସ୍ I&PR

ରାଏଜେ ମିଶ୍ରିତ ଅର୍ଥନୀତି ମୁଲ୍ କର୍‌ବାର୍ ଲାଗି ଭର୍‌ପୁର୍ ସୁଯୋଗ୍ ରହିଛେ । ଖଣିଜ ଉତ୍ପାଦନ୍ ସଙ୍ଗେ ଇଥି ଗୁଣାତ୍ମକ ମାନ ବଢ଼ାଗଲେ ରାଏଜେ ବହୁତ୍‌ଟେ ଶିଳ୍ପାୟନ୍ ହେଇପାର୍‌ବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ କୃଷି ଶିକ୍ଷା ସଦନ୍ ଠାନେ ଓଡ଼ିଶା ଖଣି ନିଗମ୍- ଓ.ଏମ୍.ସି. ର ୭୦ ନମ୍ବର୍ ପ୍ରତିଷ୍ଠା ଦିବସ୍ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ୭୦ ବଛର୍ ଆଘୋନୁ ମାତରକ୍ ୧ କୋଟି ଟଙ୍କା କାର୍‌ବାର୍ କରିକରି ତାର୍ ଯାତ୍ରା ମୁଲ୍ କରିଥିବାର୍ ଓଏମ୍‌ସି ଆଏଜ୍ ଓଡ଼ିଶାର୍ ବିକାଶ୍‌ର ସାରଥୀ ଆର୍ ଦେଶର୍ ଅର୍ଥନୈତିକ୍ ଅଭିବୃଦ୍ଧିଥି ବଡ଼୍‌ଟେ ଭୂମିକା ନେଇଛେ । ରାଏଜେ ଶିଳ୍ପ ତାଲିମ୍ ଲାଗି ବିଶ୍ୱସ୍ତରୀୟ ଦକ୍ଷତା ବିକାଶ୍ କେନ୍ଦ୍ର ଥାପ୍‌ନା ଆଉ ଖଣି ଇଲାକାମାନ୍‌କେ ଆଇରନ୍ ପିଲେଟ୍ ପ୍ଲାଂଟ୍ ଥାପ୍‌ନା କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ, ବଡ଼ବିଲ୍‌ର ଡୁବୁନା ଲୁହାପଥର୍ ଖଣି ଫେର୍‌ଘାଏ ମୁଲ୍ କରିଛନ୍ । କେନ୍ଦୁଝର୍, ବଡ଼ବିଲ୍ ଆର୍ କୋଇଡ଼ା ଖଣି ଇଲାକା ନ ୯ ଶହ ୨୦ କିଲୋୱାଟ୍‌ପି

ସୌରଶକ୍ତି ପ୍ରକଳ୍ପ, ତିରିଙ୍ଗ ପାହାଡ଼ଖଣି ଆଉ ରେଙ୍ଗାଲ୍‌ବେଡ଼ା ର ଆର୍.ଆଇ. କଲୋନୀକେ ବିଦ୍ୟୁତ୍ ଯୋଗାଣ ପ୍ରକଳ୍ପ କେ ଭିଲ୍ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଛନ୍ ।

ଜାତୀୟ ଡେଙ୍ଗୁ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଡେଙ୍ଗୁର କାରଣ୍ ଆର୍ ନିରାକରଣ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ ହେଉଛେ ଜାତୀୟ ଡେଙ୍ଗୁ ଦିବସ୍ । ଡେଙ୍ଗୁ ଦିବସ୍ ଲାଗି ଇ ବଚ୍ଛରର୍ ବାର୍ତା ରହିଛେ 'ଲୁକ୍‌କର୍ ଜରିଏ ହିଁ ଡେଙ୍ଗୁ ନୁ ସୁରକ୍ଷିତ୍ ରହିହେବା' । ବିଶେଷଜ୍ଞମାନ୍‌କର୍ କହେବାର୍ ଅନ୍‌ସାରେ ପରିବେଶ୍ ସଫା ରଖ୍‌ବାର୍ ଆଉ ସବୁଦିନେ ମଶାରୀ ବେଭାର୍ କର୍‌ଲେ ଡେଙ୍ଗୁ ବାଗିର୍ ମଶାବାହିତ ରୋଗ୍‌ନୁ ଦୂରେ ରହିହେବା । ଜର୍ ସହେତେ ମୁଡ଼୍‌ଦୁଖା ଆର୍ ବାନ୍ତି ହେବା, ମୁହୁଁ ଆର୍ ନାକୁ ରକତ୍ ବାହାର୍‌ବାର୍ ସହେତେ ଭୋକ୍ ମରିଯିବାର୍ ଆର୍ ପ୍ଲେଟ୍‌ଲେଟ୍ କମିଯିବାର୍‌ଟା ହେଉଛେ ଡେଙ୍ଗୁର୍ ଲକ୍ଷଣ୍ । ଇତାର୍‌ଭିତ୍‌ରୁ କେନ୍‌ସି ଲକ୍ଷଣ୍ ଦେଖାଦେଲେ ପରୀକ୍ଷା କରେଇନେବାର୍‌କେ ସ୍ୱାସ୍ଥ୍ୟବିଭାଗ୍ ତର୍‌ଫୁ କୁହାଯାଇଛେ । ଇ ଅବ୍‌ସରେ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ ।

ଜାତୀୟ ଡେଙ୍ଗୁ ଦିବସ୍-୧        ଆର୍ଏନ୍ୟୁ/ ସମ୍ବଲପୁର

ବୌଦ୍ଧ ଜିଲ୍ଲା ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭା ଗୃହ ର ଜାତୀୟ ଡେଙ୍ଗୁ ଦିବସ୍ ପାଳିତ୍ ହେଇଯାଇଛେ । ବି.ପି.ଏମ୍. ରାଜେଶ୍ କୁମାର୍ ମହାପାତ୍ରଙ୍କର୍ ସଭାପତିତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍ଥି ସିଏଚ୍ସି ଅଧ୍ୟକ୍ଷ ଡାକ୍ତର୍ ମହେନ୍ଦ୍ର କୁମାର୍ ସଏ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଡେଙ୍ଗୁ ରୋଗ୍ ବାବ୍ଦେ ସଚେତନ୍ କରିଥିଲେ ।

ଦେବ୍ଗଡ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାନେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର୍ ପୂର୍ଣ୍ଣଚନ୍ଦ୍ର ପ୍ରଧାନ୍ଙ୍କର୍ ଅଧ୍ୟକ୍ଷତାଥି ଡେଙ୍ଗୁ ଦିବସ୍ ପାଳିତ୍ ହେଇଯାଇଛେ । ଡେଙ୍ଗୁନୁ ରକ୍ଷା ପାଏବାର୍ ଲାଗି ନିଜର୍ ଇଲାକା ସଫାସୁତ୍ରା ରଖିବାର୍କେ ଅଧିକାରୀମାନେ ଲୁକ୍କୁ ସଚେତନ୍ କରିଥିଲେ ।

ପୁଲିସ୍ର ଜନସମ୍ପର୍କ ଶିବିର        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ଥାନା ବର୍ଗାଁ ପଂଚାୟତ୍ ଡୁଲାବାଲି ଗାଁ ର ପୁଲିସ୍ର ଜନସମ୍ପର୍କ ଶିବିର ହେଇଯାଇଛେ । ଶିବିରଥି

ଆରକ୍ଷୀ ଅଧିକ୍ଷକ ରାହୁଲ୍ ଗୋୟଲ୍ ଯୋଗ୍ ଦେଇକରି ଲୁକ୍କୁ ଗଞ୍ଜେଇ ଚାଷ୍‌ନୁ ଦୂରେ ରହେବାର୍‌କେ ପରାମର୍ଶ ଦେଇଛନ୍ । ଇ ଅବ୍‌ସରେ ଛୁଆମାନ୍‌କୁ ପଢ଼ାବହି, ଖେଲ୍‌ନା, ମହିଳାମାନ୍‌କୁ ଘର୍‌କରା ସାମାନ୍ ବଂଟାଯାଇଥିଲା । ଶିବିର ନ ଗାଁର୍ ଲୁକ୍‌କର୍ ଭିତ୍‌ରେ କ୍ରିକେଟ୍ ଭଲିବଲ୍ ପ୍ରତିଯୋଗିତା କରାଯାଇଥିଲା ।

ମାଓ କେମ୍ପ୍ ଠାବ୍ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲାର୍ ଗନ୍ଧମାର୍ଦ୍ଦନ୍, ଚକରତାଣ୍ଡି ଆର୍ ଖୁରିପାଣି ଜଙ୍ଗଲ୍ ନ ୨ ଟା ମାଓବାଦୀ କେମ୍ପ୍‌କେ ପୁଲିସ୍ ଠାବ୍ କରିଛେ । ଗନ୍ଧମାର୍ଦ୍ଦନ୍ ଜଙ୍ଗଲ୍ ନ ମାଓ ଗତିବିଧି ଥିବା ସୂଚ୍‌ନା ପାଇକରି ପୁଲିସ୍‌ର ୨ ଟା ଡିଭିଏଫ୍ ଟିମ୍ ଖାନ୍‌ତଲାସୀ କରିଥିଲା । ମାଓ କେମ୍ପ୍‌ନୁ ବହୁତ୍‌ଟେ ମାଓ ଦରବ୍ ଆର୍ ପୁଲିସ୍ ଜବର୍ କରିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ କେତେଟା ଜାଗା ନ ଆଏଜ୍ ଜବର୍ ଧୁକାଗର୍ଡ଼ି ଆର୍ ବର୍ଷା ହେଇଛେ । ଭିନ୍ ଭିନ୍ ଜାଗା ନ ଚଡ଼କ୍ ମାରିକରି ୬ ଝନ୍‌କର୍ ଜୀବନ୍ ଯାଇଥିବାର୍ ସୂଚ୍‌ନା ମିଳିଛେ ।

ଭୁବ୍‌ନେଶ୍ୱର୍ ଆଂଚଲିକ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ଧୁକାଗର୍ଡ଼ି ସାଙ୍ଗେ ହାଲ୍‌କା ବର୍ଷା ହେଇପାରେ ।  ଆଏଜ୍ ରାଜ୍ୟର୍ ସବୁନୁ ଜହ ତାତି ସମ୍ବଲ୍‌ପୁର୍ ଆର୍ ସୁନ୍ଦର୍‌ଗଡ଼୍ ନ ୪୧ ଦଶ୍‌ମିକ୍ ୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିବାର୍ ବେଲେ ୫ ସହରର୍ ତାତି ୪୦ ଡିଗ୍ରୀ ଉପ୍‌ରେ ରହିଥିଲା ।